بسم اللہ الرحمٰن الرحیم

**ଖୁତ୍‌ବା ଜୁମା ୩ ମାର୍ଚ୍ଚ ୨୦୨୩ର ସାରାଂଶ**
**ସ୍ଥାନ-ମସ୍‌ଜିଦ୍ ମୁବାରକ, ଇସ୍‌ଲାମାବାଦ୍ ଟେଲ୍‌ଫୋର୍ଡ୍ (ୟୁ.କେ)**

**ପବିତ୍ର ମହାତ୍ମା ହ. ମସିହ୍ ମଉଦ୍ (ପ୍ରତିଶ୍ରୁତ ମସିହ୍ ଅ.ସ)ଙ୍କ ବ୍ରହ୍ମଜ୍ଞାନ ସମ୍ପନ୍ନ ଉପଦେଶାବଳୀ ପ୍ରକାଶରେ ପବିତ୍ର କୁରଆନ୍ କରୀମ୍‌ର ମାହାତ୍ମ୍ୟ, ମର୍ଯ୍ୟାଦା ଓ ଶ୍ରେଷ୍ଠତାର ବର୍ଣ୍ଣନା । ହୁଜୁର ଅନ୍‌ୱର୍ ଅ.ବଙ୍କର ବାଂଲାଦେଶ, ପାକିସ୍ତାନ, ବୁର୍କିନାଫାସୋ ଏବଂ ଉପଦ୍ୱୀପରେ ବାସ କରୁଥିବା ଅହ୍‌ମେଦିମାନଙ୍କ ପାଇଁ ଦୁଆ କରିବା ନିମନ୍ତେ ଜମାଅତ୍‌କୁ ଆହ୍ୱାନ ।**

**ଅଶ୍‌ହଦୁ ଅନ୍‌ଲା ଇଲାହା ଇଲ୍ଲଲ୍ଲାହୁ ୱହ୍‌ଦହୁ ଲାଶରିକା ଲହୁ ୱଅଶ୍‌ହଦୁ ଅନ୍ନା ମୁହମ୍ମଦନ୍ ଅବ୍‌ଦୁହୁ ୱରସୁଲୁହୁ। ଅମ୍ମା ବାଦ୍‌ଫାଉଜୁ ବିଲ୍ଲାଃହି ମିନଶ୍ ଶୈତାନ୍ ନିର୍‌ରଜିମ୍ । ବିସ୍‌ମିଲ୍ଲା ହିର୍ ରହ୍‌ମାନ୍ ନିର୍‌ରହିମ୍ । ଅଲ୍‌ହମ୍‌ଦୁ ଲିଲ୍ଲାହି ରବ୍‌ବିଲ୍ ଆଲମିନ୍ ଅର୍‌ରହମାନ୍ ନିର୍‌ରହିମ୍ । ମାଲିକି ୟୋମିଦ୍‌ଦିନ୍ । ଇୟାକା ନାବୁଦୁ ୱ ଇୟାକା ନସ୍‌ତଈନ୍ । ଇହ୍‌ଦିନସ୍ ସିରାତଲ୍ ମୁସ୍‌ତକିମ୍ ସିରାତଲ୍ ଲଜିନା ଅନ୍‌ଅମ୍‌ତା ଅଲୈହିମ୍ ଗୈରିଲ୍ ମଗ୍‌ଯୁବି ଅଲୈହିମ୍ ୱଲଦ୍ଦାଲ୍‌ଲିନ୍ ।**

ତଶହୁଦ୍, ତଉଜ୍ ଏବଂ ସୁରଃ ଫାତିହାର ଆବୃତ୍ତି କରିବା ପରେ ହୁଜୁର ଅନ୍‌ୱର୍ ଅୟେଦହୁଲ୍ଲାଃହୁ ତାଆଲା ବିନସ୍ରେହିଲ୍ ଅଜ଼ିଜ୍ କହିଲେ; ହ. ମସିହ୍ ମଉଦ୍ ଅ.ସ ପବିତ୍ର କୁରଆନ୍ କରୀମ୍‌ର ବ୍ରହ୍ମଜ୍ଞାନ ସଂକ୍ରାନ୍ତରେ ଆମମାନଙ୍କୁ ଯେଉଁ ଶିକ୍ଷା ଦେଇଛନ୍ତି ଅବା ନିଜର ପୁସ୍ତକ ଓ ନିଜର ପ୍ରବଚନ ମାଧ୍ୟମରେ ସେହି ବ୍ରହ୍ମଜ୍ଞାନକୁ ବୁଝିବା ଓ ତାହା ଉପରେ କାର୍ଯ୍ୟାନୁସରଣ କରିବାର ଯେଉଁ ମାର୍ଗ ବର୍ଣ୍ଣନା କରିଛନ୍ତି ସେହି ମାର୍ଗର କେତେକାଂଶ ମୁଁ ବିଗତ ଖୁତ୍‌ବାଗୁଡ଼ିକରେ ବର୍ଣ୍ଣନା କରିଥିଲି । ଆଜି ସେହି ପ୍ରସଙ୍ଗକୁ ପୁନଃ ଏଠାରେ ଉପସ୍ଥାପିତେ କରିବି । ପବିତ୍ର କୁରଆନ୍ କରୀମ୍ ହେଉଛି ବ୍ରହ୍ମଜ୍ଞାନ ସମ୍ବଳିତ ଭଣ୍ଡାର । ଏହି ବ୍ରହ୍ମଜ୍ଞାନ ସମ୍ବଳିତ ଭଣ୍ଡାର ସଂକ୍ରାନ୍ତରେ ଆମମାନଙ୍କୁ ଜ୍ଞାନ ପ୍ରଦାନ କରିଥାଏ ବାସ୍ତବିକ ତାହା ପ୍ରଭୁଙ୍କୁ ଭକ୍ତ ସହିତ ସାକ୍ଷାତ୍ କରାଇଥାଏ । ଏହି ପନ୍ଥାକୁ ବାଦ୍‌ଦେଲେ ପ୍ରଭୁଙ୍କୁ ପ୍ରାପ୍ତ କରିବାର ଅନ୍ୟ କୌଣସି ମାର୍ଗ ଆଉ ନାହିଁ । ହ. ମସିହ୍ ମଉଦ୍ ଅ.ସ ନିଜର ଏକ କବିତାଂଶରେ କୁହନ୍ତି,

قرآن خدا نما کلام ہے! بے اِس کے معرفت کا چمن ناتمام ہے

ଅତଃ ଏହା ହେଉଛି ସେହି ବିନ୍ଦୁ ଯେଉଁ ବିନ୍ଦୁକୁ ସର୍ବଦା ଆମେମାନେ ନିଜର ଦୃଷ୍ଟି ସମ୍ମୁଖରେ ରଖିବା ଉଚିତ । ଆମେମାନେ ଯଦି ଅଲ୍ଲାଃତାଲାଙ୍କ ସାମୀପ୍ୟତା ଓ ତାହାଙ୍କ ପ୍ରସନ୍ନତା ପ୍ରାପ୍ତ କରିବାର ଅଭିଳାଷୀ ହୋଇ ନିଜର ଇହକାଳ ଓ ପରକାଳକୁ ସଂଯତ ତଥା ଶୃଙ୍ଖଳିତ କରିବାର ଇଚ୍ଛୁକ ତେବେ ଆମମାନଙ୍କୁ ନିମ୍ନୋକ୍ତ କଥାଗୁଡ଼ିକୁ ସ୍ମରଣ ରଖିବା ଉଚିତ । ଏହି କଥା ମଧ୍ୟ ନିଜର ଦୃଷ୍ଟି ସମ୍ମୁଖରେ ରଖିବା ଉଚିତ ଯେ, ପବିତ୍ର କୁରଆନ୍ କରୀମ୍‌ର ବ୍ରହ୍ମଜ୍ଞାନଭିତ୍ତିକ ଶିକ୍ଷାରୁ ଉପକୃତ ଏବଂ ଲାଭବାନ ହେବାକୁ ହେଲେ ପ୍ରଭୁଙ୍କ ପ୍ରେରିତ ମାର୍ଗଦର୍ଶକଙ୍କର ଆବଶ୍ୟକତା ରହିଛି । ଏହି ଯୁଗରେ ଆଁହଜରତ ସ.ଅଙ୍କ ସତ୍ୟନିଷ୍ଠ ଦାସ ହ. ମସିହ୍ ମଉଦ୍ ଅ.ସ ହିଁ ଈଶ୍ୱରଙ୍କ ଦ୍ୱାରା ପ୍ରେରିତ ମାର୍ଗଦର୍ଶକ ଅଟନ୍ତି । ଆପଣ ଅ.ସ ପବିତ୍ର କୁରଆନ୍ କରୀମ୍‌ର ବିଭିନ୍ନ ଦିଗ ଉପରେ ଯେଉଁ ଗଭୀରତାର ସହିତ ଆଲୋକପାତ କରିଛନ୍ତି ଓ ପବିତ୍ର କୁରଆନ୍ କରୀମ୍‌ର ସୌନ୍ଦର୍ଯ୍ୟତା, ମାଧୁର୍ଯ୍ୟତା ସହିତ ଆମମାନଙ୍କୁ ଅବଗତ କରାଇଛନ୍ତି, ତତ୍‌ସଂକ୍ରାନ୍ତରେ ତାହାର କିଞ୍ଚିତ ଭାଗ ମୁଁ ପୂର୍ବ ଖୁତ୍‌ବାମାନଙ୍କରେ ବର୍ଣ୍ଣନା କରିଥିଲି । ଏହି ପରମ୍ପରାଟି ବର୍ତ୍ତମାନ ଅବ୍ୟାହତ ରହିଛି । ତେଣୁ ତତ୍‌ସଂକ୍ରାନ୍ତରେ ମୁଁ ଅନେକ ପ୍ରାସଙ୍ଗିକ ପ୍ରାମାଣ୍ୟ ବର୍ଣ୍ଣନା କରିବି । ସୁତରାଂ ଆଜି ସେହି ପରମ୍ପରାକୁ ଅକ୍ଷୁର୍ଣ୍ଣ ରଖି ମୁଁ ହ. ମସିହ୍ ମଉଦ୍ ଅ.ସଙ୍କ ଆଦେଶାବଳୀ ଅନୁଯାୟୀ ପବିତ୍ର କୁରଆନ୍ କରୀମ୍‌ର ବିଶେଷତା, ମର୍ଯ୍ୟାଦା ଏବଂ ମହତ୍ୱର ଚର୍ଚ୍ଚା କରିବି ।

"*ପବିତ୍ର କୁରଆନ୍ କରୀମ୍ ହେଉଛି ଈଶ୍ୱରଙ୍କ ବାଣୀ*" । ଉକ୍ତ କଥାର ବ୍ୟାଖ୍ୟା କରି ହ. ମସିହ୍ ମଉଦ୍ ଅ.ସ ଲାଲା ଭୀମ୍‌ସେନ୍‌କୁ ଏକ ପତ୍ର ମାଧ୍ୟମରେ ଉଲ୍ଲେଖ କରି କୁହନ୍ତି, ବର୍ତ୍ତମାନ କିଛି ଦିନର କଥା ହେବ ଯେ, ଲେଖ୍‌ରାମ୍ ନାମକ ଜଣେ ଆର୍ଯ୍ୟ ବ୍ରାହ୍ମଣ ବ୍ୟକ୍ତି କାଦିୟାନ୍‌କୁ ମୋ ପାଖକୁ ଆସିଲା ଏବଂ କହିଲା ଯେ, ବେଦ ହେଉଛି ପ୍ରଭୁଙ୍କ ବାଣୀ । ଆପଣ ଅ.ସ କୁହନ୍ତି, ମୁଁ ପବିତ୍ର କୁରଆନ୍ କରୀମ୍‌କୁ ଈଶ୍ୱରଙ୍କ ବାଣୀ ବୋଲି ବିବେଚିତ କରେ । କାରଣ ତହିଁରେ ନା କୌଣସି ଶିର୍କ ସମ୍ବନ୍ଧୀୟ ଶିକ୍ଷା ରହିଛି ଓ ନା ହିଁ ଅପବିତ୍ରତାମୂଳକ ଶିକ୍ଷା ରହିଛି । ପବିତ୍ର କୁରଆନ୍ କରୀମ୍‌ର ଅନୁକରଣ କରିବା ଦ୍ୱାରା ଜୀବିତ ଈଶ୍ୱରଙ୍କ ଦର୍ଶନ

ହୋଇଥାଏ ଏବଂ ଚମତ୍କାର ପ୍ରକାଶ୍ୟ ହୋଇଥାଏ । ସୁତରାଂ ଏକ ଐଶୀ ପୁସ୍ତକ ନିମନ୍ତେ ଉକ୍ତ ସର୍ତ୍ତ ରହିଛି ଯେ, ତାହା ଈଶ୍ୱରଙ୍କ ବାଣୀ ହୋଇଥିବ ଏବଂ ତାହା ଶିର୍କ ଠାରୁ ସଂପୂର୍ଣ୍ଣ ପବିତ୍ର ହୋଇଥିବା ଉଚିତ ଏବଂ ସେହି ପବିତ୍ର ଗ୍ରନ୍ଥ ଉପରେ କାର୍ଯ୍ୟାନୁସରଣ କରିବା ଫଳରେ ପ୍ରଭୁଙ୍କ ଦର୍ଶନ ହୋଇଥାଏ ।

ପବିତ୍ର କୁରଆନ୍ କରୀମ୍ ଅଲ୍ଲାଃତାଲାଙ୍କର ଦର୍ଶନ କରାଇବାରେ କିପରି ନିଜର ଭୂମିକା ନିର୍ବାହ କରିଛି ତାହାର ଜ୍ୱଳନ୍ତ ପ୍ରମାଣ ସାହାବାମାନଙ୍କର ଜୀବନୀକୁ ଲକ୍ଷ୍ୟ କଲେ ଅତି ସହଜରେ ଅନୁମେୟ ହୋଇ ପାରିବ । ସାହାବାମାନଙ୍କର ଜୀବନରେ ପବିତ୍ର କୁରଆନ୍ କରୀମ୍ର ଶିକ୍ଷାର ପ୍ରଭାବ ସଂକ୍ରାନ୍ତରେ ବର୍ଣ୍ଣନା କରି ହ. ମସିହ୍ ମଉଦ୍ ଅ.ସ କୁହନ୍ତି, ଆଁହଜରତ ସ.ଅଙ୍କ କାଳକୁ ଇସ୍‌ଲାମ୍ ଧର୍ମର ହୃତ୍‌ପିଣ୍ଡ ବୋଲି କୁହାଯାଉଥିଲା । ସେହି ଯୁଗ ଉପରେ ଏକ ସମ୍ୟକ ଦୃଷ୍ଟିପାତ ପକାଇ ଏହା ପ୍ରମାଣିତ କରାଯାଇପାରେ ଯେ, ଆଁହଜରତ ସ.ଅଙ୍କ ଦ୍ୱାରା ପ୍ରଦତ୍ତ ଶିକ୍ଷା କିପରି ଓ କାହିଁକି ଇସ୍‌ଲାମ୍ ଧର୍ମ ଗ୍ରହଣକାରୀଙ୍କୁ ନିମ୍ନ ସ୍ତରରୁ ଉର୍ଦ୍ଧ୍ୱଗାମୀ କରାଇ ସର୍ବୋଚ୍ଚ ସ୍ତର ପର୍ଯ୍ୟନ୍ତ ପହଞ୍ଚାଇ ଦେଇଥିଲା । ଅଲ୍ଲାଃତାଲା ଏକ ପବିତ୍ର ଆତ୍ମା ମାଧ୍ୟମରେ ସେହି ସାହାବାମାନଙ୍କୁ ସାହାଯ୍ୟ ଓ ସମର୍ଥନ କରିଥିଲେ । ସେହି ସାହାବାମାନେ ନା କେବଳ ନିଜର ଦୋଷ ଦୁର୍ବଳତା ତଥା ପାପ ଯୋଗୁଁ ଅନୁତପ୍ତ ହୋଇଥିଲେ, ବରଂ ସେହି ପାପରୁ ସେମାନେ ବିତୃଷ୍ଣା ଭାବ ପ୍ରକାଶ କରିଥିଲେ । ବର୍ତ୍ତମାନ ସେମାନେ ପୁଣ୍ୟ ଆଡ଼କୁ ନିଜର ପାଦ ଅଗ୍ରସର କରିବାକୁ ଲାଗିଲେ। ସେହି ସାହାବାମାନେ କେବଳ ନିଜର ଦୁର୍ବଳତାକୁ ଦୂରୀଭୂତ କଲେ ନାହିଁ ବରଂ ସତ୍‌ମାର୍ଗରେ ପାଦ ଆଗକୁ ଅଗ୍ରସର କରାଇ ଚାଲିଲେ । ସେମାନେ ପ୍ରଭୁଙ୍କୁ ପ୍ରସନ୍ନ କରିବା ସକାଶେ ଅକ୍ଲାନ୍ତ ପରିଶ୍ରମ କଲେ ଯେ, ଏହାଠୁ ବଳି ମନୁଷ୍ୟ ଅନ୍ୟ କିଛି କଳନା କରିପାରିବ ନାହିଁ । ସେମାନେ ପ୍ରଭୁଙ୍କ ମାର୍ଗରେ ନିଜ ଜୀବନକୁ ଘାସ ଓ ଅଳିଆ ଆବର୍ଜନା ପରି ତୁଚ୍ଛ ବସ୍ତୁ ସମ ବିବେଚିତ କଲେ ନାହିଁ । ବରଂ ଏଭଳି ବର୍ଯ୍ୟବସ୍ତୁ ଠାରୁ ତୁଚ୍ଛ ମନେକଲେ । ଫଳତଃ ସେମାନେ ଗ୍ରହଣୀୟ ହେଲେ ଏବଂ ପ୍ରଭୁ ସେମାନଙ୍କ ହୃଦୟକୁ ପାପ ଠାରୁ ସଂପୂର୍ଣ୍ଣ କ୍ଷାନ୍ତ କରିଦେଲେ ଏବଂ ପୁଣ୍ୟାବଳୀ ଯୁକ୍ତ ପ୍ରେମ ସୃଷ୍ଟି କଲେ । ଅତଏବ ଏହା ହେଉଛି ପବିତ୍ର କୁରଆନ୍ କରୀମ୍ର ସେହି ସାହାବାମାନଙ୍କ ଉପରେ ପଡ଼ିଥିବା ସୁପ୍ରଭାବ । ଅର୍ଥାତ ସେମାନେ ଭୂପୃଷ୍ଠରେ ଛିଡ଼ା ହୋଇ ଆକାଶର ଉଜ୍ଜ୍ୱଳ ତାରକା ସଦୃଶ ପାଲଟି ଗଲେ । ସେହି ସାହାବାମାନଙ୍କ ସଂକ୍ରାନ୍ତରେ ଆଁହଜରତ ସ.ଅ କହିଲେ, ସେହି ସାହାବାମାନଙ୍କ ମଧ୍ୟରୁ ପ୍ରତ୍ୟେକ ସାହାବା ତୁମମାନଙ୍କ ପାଇଁ ଗୋଟିଏ ଗୋଟିଏ ଉତ୍ତମ ଆଦର୍ଶ ଏବଂ ମାର୍ଗଦର୍ଶକ ଅଟନ୍ତି।

ପବିତ୍ର କୁରଆନ୍ କରୀମ୍ର ଆଜ୍ଞା ପାଳନ କରିବା ଫଳରେ ମନୁଷ୍ୟ ପ୍ରଭୁଙ୍କ ବିଶେଷ ଗୁଣାବଳୀର ପରିପ୍ରକାଶକ ପାଲଟି ଯାଇଥାଏ । ତତ୍‌ସଂକ୍ରାନ୍ତରେ ଆପଣ ଅ.ସ କୁହନ୍ତି, ଯେଉଁ ବ୍ୟକ୍ତି ପବିତ୍ର କୁରଆନ୍ କରୀମ୍ର ଆଜ୍ଞାକାରୀ ହୋଇ ପ୍ରେମ, ସତ୍ୟତା ଓ ନିଷ୍ପାପରତାକୁ ସର୍ବୋଚ୍ଚ ସ୍ତର ପର୍ଯ୍ୟନ୍ତ ପହଞ୍ଚାଇ ଦେଇଥାଏ । ଫଳରେ ସେହି ବ୍ୟକ୍ତି ଛାୟୀ ସଦୃଶ ହୋଇ ପ୍ରଭୁଙ୍କ ବିଶେଷ ଗୁଣାବଳୀର ପରିପ୍ରକାଶକ ହୋଇଯାଇଥାଏ । ଏହି ସମସ୍ତ ପରିଣାମ ସେହି ସର୍ବଶକ୍ତିମାନ ଏବଂ ବିଶେଷ ଗୁଣାବଳୀ ସମ୍ପନ୍ନ ପ୍ରଭୁଙ୍କ ଦ୍ୱାରା ସମ୍ପନ୍ନ ହୋଇଥାଏ ଯାହାଙ୍କ ମହିମାକୁ ଆମେମାନେ ପବିତ୍ର କୁରଆନ୍ କରୀମ୍ରେ ଅଧ୍ୟୟନ କରିଥାଉ । ସୁତରାଂ ପବିତ୍ର କୁରଆନ୍ କରୀମ୍ରେ ଏକ ମହାଶକ୍ତି ଦେଖିବାକୁ ମିଳେ । ଆପଣ ଅ.ସ କୁହନ୍ତି, ମୁଁ ଆଁହଜରତ ସ.ଅଙ୍କ ଆଜ୍ଞାକାରୀତାରେ ଏକ ବିଚିତ୍ର ବିଶେଷତା ଦେଖିଅଛି ଏବଂ ତାହା ଏହିକି ଯେ, ପବିତ୍ର କୁରଆନ୍ କରୀମ୍ର ଆଦେଶାବଳୀର ସଚ୍ଚୋଟ ତଥା ପ୍ରକୃତ ଆଜ୍ଞାକାରୀ ବ୍ୟକ୍ତି ସନ୍ଥମାନଙ୍କ ମର୍ଯ୍ୟାଦା ପ୍ରାପ୍ତ କରିଥାଏ ବା ଉପନୀତ ହୋଇଥାଏ ।

ପବିତ୍ର କୁରଆନ୍ କରୀମ୍ର ବିଶେଷତା ଓ ତା'ର ଗାରିମା ସଂକ୍ରାନ୍ତରେ ବର୍ଣ୍ଣନା କରି ଆପଣ ଅ.ସ କୁହନ୍ତି, ପବିତ୍ର କୁରଆନ୍ କରୀମ୍ର ୪ଟି ଚମତ୍କୃତ ବିଶେଷତା ରହିଛି । ତାହା ଏହିପରି, **ପ୍ରଥମତଃ-** ପବିତ୍ର କୁରଆନ୍ କରୀମ୍ ଉଚ୍ଚ ଲାଳିତ୍ୟ ସମ୍ପନ୍ନ ଏକ ପୂର୍ଣ୍ଣାଙ୍ଗ ଧର୍ମଗ୍ରନ୍ଥ ଅଟେ । ଏହା ମାନବିକ ଉଚ୍ଚ ଲାଳିତ୍ୟ ସମ୍ପନ୍ନ ଭାଷା ଠାରୁ ସଂପୂର୍ଣ୍ଣ ରୂପେ ଭିନ୍ନ ଅଟେ । **ଦ୍ୱିତୀୟତଃ-** ପବିତ୍ର କୁରଆନ୍ କରୀମ୍ରେ ଯେଉଁ ଘଟଣାବଳୀ ବର୍ଣ୍ଣିତ ହୋଇଛି ବାସ୍ତବିକ ତାହା ଗୋଟିଏ ଗୋଟିଏ ଭବିଷ୍ୟବାଣୀ ଅଟେ । **ତୃତୀୟତଃ-** ପବିତ୍ର କୁରଆନ୍ କରୀମ୍ର ଶିକ୍ଷା ମାନବିକ ସ୍ୱଭାବକୁ ତା'ର ଚରମ ସୀମା ପର୍ଯ୍ୟନ୍ତ ଉପନୀତ କରାଇବା ନିମନ୍ତେ ସଂପୂର୍ଣ୍ଣ ରୂପେ ସକ୍ଷମ ଅଟେ । **ଚତୁର୍ଥତଃ-** ପବିତ୍ର କୁରଆନ୍ କରୀମ୍ର ଆଦେଶାବଳୀକୁ ଅକ୍ଷରେ ଅକ୍ଷରେ ପାଳନ କରୁଥିଲା ଆଜ୍ଞାକାରୀ ବ୍ୟକ୍ତି ପ୍ରଭୁଙ୍କ ସାମୀପ୍ୟତା ପ୍ରାପ୍ତ କରି ତାହାଙ୍କ ସହିତ କଥୋପକଥନର ସୌଭାଗ୍ୟ ଅର୍ଜନ କରିନେଇଥାଏ ଏବଂ ଜ୍ୱଳନ୍ତ ନିଦର୍ଶନ ଉକ୍ତ ବ୍ୟକ୍ତି ଠାରୁ ପ୍ରକାଶ୍ୟ ହୋଇଥାଏ । ଆପଣ ଅ.ସ କହୁନ୍ତି, ପବିତ୍ର କୁରଆନ୍ ହେଉଛି ଏହିଭଳି ଏକ ପବିତ୍ର ଧର୍ମଗ୍ରନ୍ଥ ଯେଉଁ ପବିତ୍ର ଗ୍ରନ୍ଥର ଆଦେଶାବଳୀଗୁଡ଼ିକୁ ପାଳନ କରିବା ଫଳରେ ବ୍ୟକ୍ତିର ପ୍ରାର୍ଥନା ସ୍ୱୀକୃତ ହୋଇଥାଏ । ସେହିପରି ପବିତ୍ର କୁରଆନ୍ କରୀମ୍ର ଅନ୍ୟ ଏକ ଚମତ୍କାରିକ ପ୍ରଭାବ ଏହିକି ଯେ, ପବିତ୍ର କୁରଆନ୍ କରୀମ୍ର ଆଜ୍ଞା ପାଳନକାରୀ ବ୍ୟକ୍ତି ପ୍ରଭୁଙ୍କର ଅତି ପ୍ରିୟ ପାତ୍ର ହୋଇଥାଏ ଓ ସେହି ବ୍ୟକ୍ତିର ପ୍ରାର୍ଥନା ସ୍ୱୀକୃତ ହୋଇଥାଏ ଏବଂ ପ୍ରଭୁ ନିଜର ପ୍ରିୟ

ମିଷ୍ଟ ବାଣୀ ଓ ଔଜସ୍ୱୀତାମୂଳକ ଐଶୀବାଣୀ ମାଧ୍ୟମରେ ଉକ୍ତ ବ୍ୟକ୍ତିଙ୍କୁ ଅବଗତ କରନ୍ତି । ବିଶେଷ କରି ଶତ୍ରୁମାନଙ୍କ ବିପକ୍ଷରେ ନିଜ ଭକ୍ତମାନଙ୍କୁ ପ୍ରଭୁ ସାହାଯ୍ୟ ମଧ୍ୟ କରିଥାଆନ୍ତି ।

ପବିତ୍ର କୁରଆନ୍ କରୀମ୍‌ର ପ୍ରଭାବ ସଂକ୍ରାନ୍ତରେ ଆପଣ ଅ.ସ କୁହନ୍ତି, ପ୍ରଭୁଙ୍କ ମହିମା ଓ ବୈଭବ୍ୟତାର ସେହି ବିଶ୍ୱାସ ଲୋଡ଼ା ଯାହାକି ଅବଚେତନର ପରଦାକୁ ଖଣ୍ଡବିଖଣ୍ଡିତ କରିଦେଇ ଶରୀର ଉପରେ ଏକ କମ୍ପନ ସୃଷ୍ଟି କରି ଭକ୍ତକୁ ମୃତ୍ୟୁର ନିକଟବର୍ତ୍ତୀ ହେବା ପରେ ଭୟ ସଞ୍ଚାର କରିଥାଏ ଏବଂ ସେହି ଭୟ ମନ ଭିତରେ ଏହିଭଳି ପ୍ରସାରିତ ହୁଏ ଯେ, ଯାହା ଫଳରେ **ନଫ୍‌ସେ ଅମ୍ମାରାହ୍**ର ସମସ୍ତ ଡୋର ଛିଡ଼ି ଯାଇଥାଏ ଏବଂ ମନୁଷ୍ୟ ଏକ ଆଦୃଷ୍ଟ ହସ୍ତ ଦ୍ୱାରା ପ୍ରଭୁଙ୍କ ଆଡ଼କୁ ଆକର୍ଷିତ ହୋଇଥାଏ ଏବଂ ତା'ର ହୃଦୟ ବିଶ୍ୱାସରେ ଭରି ଯାଇଥାଏ । କାରଣ ବାସ୍ତବ ପକ୍ଷେ ଭଗବାନ ବିଦ୍ୟମାନ ଅଟନ୍ତି ଯେକି ନିର୍ଭୀକ ଅପରାଧୀଙ୍କୁ ଶାସ୍ତି ନଦେବା ପର୍ଯ୍ୟନ୍ତ ଛାଡ଼ି ନଥାନ୍ତି । ମୁଁ ପ୍ରତ୍ୟେକ ବ୍ୟକ୍ତିଙ୍କ ନିକଟରେ ଉକ୍ତ କଥା ପ୍ରକାଶ କରିଦେବାକୁ ଚାହେଁ ଯେ, ପବିତ୍ର କୁରଆନ୍ କରୀମ୍ ହେଉଛି ଏହିଭଳି ଏକ ପବିତ୍ର ଧର୍ମଗ୍ରନ୍ଥ ଯାହାକି ସମସ୍ତ ଆବଶ୍ୟକତାକୁ ପରିପୂରଣ କରିଥାଏ । ପବିତ୍ର କୁରଆନ୍ କରୀମ୍‌ର ଆଦେଶାବଳୀ ଉପରେ ଆଜ୍ଞା ପାଳନ କରୁଥିବା ବ୍ୟକ୍ତିଙ୍କୁ ପ୍ରଭୁ ସ୍ୱୟଂ ଦର୍ଶନ ଦିଅନ୍ତି ଏବଂ ଈଶ୍ୱରଦୂତ ମାନଙ୍କର ବାସସ୍ଥାନର ଭ୍ରମଣ କରାଇ ଥାଆନ୍ତି । ପ୍ରଭୁ ସ୍ୱୟଂ ବିଦ୍ୟମାନ ହେବାର ସ୍ୱର ଦ୍ୱାରା ନିଜ ଅସ୍ତିତ୍ୱ ସଂକ୍ରାନ୍ତରେ ଭକ୍ତକୁ ସୂଚିତ କରିଥାଆନ୍ତି ।

ପବିତ୍ର କୁରଆନ୍ କରୀମ୍ ଶିର୍କ ଠାରୁ ଉଦ୍ଧାର କରି ମୋକ୍ଷ ପ୍ରାପ୍ତିର ଏକ ମାଧ୍ୟମ ଅଟେ । ସୁତରାଂ ତତ୍‌ସଂକ୍ରାନ୍ତରେ ଆପଣ ଅ.ସ କୁହନ୍ତି, ପବିତ୍ର କୁରଆନ୍ କରୀମ୍‌ର ଯେଉଁ ଏକଶ୍ୱରବାଦର ବୀଜ ଆରବ ଦେଶ, ଇରାନ୍, ମିସର୍, ସିରିୟା, ଭାରତ, ଚୀନ୍, ଆଫଗାନିସ୍ତାନ, କାଶ୍ମୀର ଆଦି ସହରରେ ବପନ କରିଦେଇଛନ୍ତି ଏବଂ ପ୍ରଭୁ ଅନେକ ଦେଶରୁ ଶିର୍କ ଓ ମନୁଷ୍ୟପୂଜାର ସେହି ବୀଜକୁ ଆମୂଳ ଉପାଡ଼ି ଦେଇଛନ୍ତି । ଏହା ଏହିଭଳି ଏକ କାର୍ଯ୍ୟ ଯାହାର ଦୃଷ୍ଟାନ୍ତ କୌଣସି ଯୁଗରେ ଦେଖିବାକୁ ମିଳେ ନାହିଁ ।

ପବିତ୍ର କୁରଆନ୍ କରୀମ୍‌ର ଶିକ୍ଷା ଏକ ସର୍ବୋତ୍କୃଷ୍ଟ ଶିକ୍ଷା ଅଟେ । ତତ୍‌ସଂକ୍ରାନ୍ତରେ ଆପଣ ଅ.ସ କୁହନ୍ତି, ସେହି ପୁସ୍ତକ ଯାହା ଅତ୍ୟନ୍ତ ଅମା ଅନ୍ଧକାର ସମୟରେ ଅବତୀର୍ଣ୍ଣ ହେଲା, ସେଥିନିମନ୍ତେ ସର୍ବୋତ୍କୃଷ୍ଟ ଶିକ୍ଷାର ଆବଶ୍ୟକତା ରହିଥିଲା । ସେହି ପୁସ୍ତକ ଯାହାକି ସେହି ଲୋକମାନଙ୍କର ଚାରିତ୍ରିକ ସଂଶୋଧନ ନିମନ୍ତେ ଅବତୀର୍ଣ୍ଣ ହେଲା ଯେଉଁ ଲୋକମାନଙ୍କର ବିକୃତ ତଥା ଅଶୁଦ୍ଧ ଆତ୍ମା ନିଶ୍ଚିହ୍ନ ହୋଇଯାଇଥିଲା ଏବଂ ସେମାନଙ୍କର କର୍ମ ଅତ୍ୟନ୍ତ ନିନ୍ଦନୀୟ ତଥା ଘୃଣ୍ୟ ଶ୍ରେଣୀୟ ହୋଇଯାଇଥିଲା ।

ପବିତ୍ର କୁରଆନ୍ କରୀମ୍ ସମସ୍ତ ଜଗତବାସୀଙ୍କ ନିମନ୍ତେ ଅବତୀର୍ଣ୍ଣ ହୋଇଛି । ଏ ସଂପର୍କରେ ଆପଣ ଅ.ସ କୁହନ୍ତି, ଯେତେବେଳେ ପୃଥିବୀରେ ମନୁଷ୍ୟମାନଙ୍କର ସଂଖ୍ୟା ବୃଦ୍ଧି ଘଟିବାକୁ ଲାଗିଲା ଏବଂ ଗମନାଗମନ ଓ ଦେଖା ସାକ୍ଷାତ୍ ନିମନ୍ତେ ମାର୍ଗ ଉନ୍ମୁକ୍ତ ହୋଇଗଲା ତଥା ଗୋଟିଏ ଦେଶର ଲୋକମାନେ ଅନ୍ୟ ଦେଶର ଲୋକମାନଙ୍କ ସହିତ ଦେଖା ସାକ୍ଷାତ୍ କରିବାର ସମସ୍ତ ସାଧନ ଉପଲବ୍ଧ ହୋଇଗଲା ଏବଂ ଏହି କଥା ଜ୍ଞାତ ହୋଇଗଲା ଯେ, ଅମକ ଅମକ ଭୂପୃଷ୍ଠରେ ମନୁଷ୍ୟର ଏକ ପ୍ରଜାତି ବାସ କରନ୍ତି ତେବେ ସେ କ୍ଷେତ୍ରରେ ଅଲ୍ଲାଃତାଲା ଏହା ଚାହିଁଲେ ଯେ, ସେହି ମନୁଷ୍ୟମାନଙ୍କୁ ପୁନଃ ଏକ ଜାତିରେ ପରିଣତ କରିଦିଆଯାଉ । ମତାନ୍ତର ପରେ ସେମାନଙ୍କୁ ପୁନଃ ଏକ ସ୍ଥାନରେ ଏକତ୍ରିତ କରାଯାଉ । ଅତଃ ସେତେବେଳେ ପ୍ରଭୁ ସମସ୍ତ ଲୋକମାନଙ୍କ ସକାଶେ ଗୋଟିଏ ଧର୍ମଗ୍ରନ୍ଥ ଅବତୀର୍ଣ୍ଣ କଲେ ।

ହ. ମସିହ୍ ମଉଦ୍ ଅ.ସ ପବିତ୍ର କୁରଆନ୍ କରୀମ୍ ଅବତୀର୍ଣ୍ଣ ହେବାର ୪ଟି କାରଣ ଦର୍ଶାଇଛନ୍ତି । ସେହି କାରଣଗୁଡ଼ିକ କ'ଣ କ'ଣ ? **ପ୍ରଥମ କାରଣ- ଇଲ୍ଲତେ ଫାଏଲି** ଅର୍ଥାତ ଏହାର ସୃଷ୍ଟିକର୍ତ୍ତା କିଏ ଓ ଏହାର କାରଣଗୁଡ଼ିକ କ'ଣ **? ଦ୍ୱିତୀୟ କାରଣ- ଇଲ୍ଲତେ ସୁରୀ** ଅର୍ଥାତ ଏହାର ପ୍ରକାଶ୍ୟଗତ କାରଣ ଓ ବ୍ୟବହାରିକ କାରଣଗୁଡ଼ିକ କ'ଣ ? **ତୃତୀୟ କାରଣ- ଇଲ୍ଲତେ ମାଦ୍ଦି** ଅର୍ଥାତ ଏହାର ବସ୍ତୁବାଦୀ ଉପକାରିତା କ'ଣ ? **ଚତୁର୍ଥ କାରଣ- ଇଲ୍ଲତେ ଗାଇ ବା ଇଲ୍ଲତେ ତାମ୍ମା** ଅର୍ଥାତ ଆଭିପ୍ରାୟିକ କାରଣ ବା ମୂଳ ଲକ୍ଷ ଭିତ୍ତିକ କାରଣ । **ଇଲ୍ଲତେ ଫାଏଲ** ସଂକ୍ରାନ୍ତରେ ଅଲ୍ଲାଃତାଲା କୁହନ୍ତି, الٓمّٓ – اَنَا اللّٰهُ اَعْلَمُ ଅର୍ଥାତ ମୁଁ ଈଶ୍ୱର ସର୍ବାଧିକ ଅନ୍ତର୍ଯାମୀ ଓ ବିଜ୍ଞ ଅଟେ । **ଇଲ୍ଲତେ ମାଦ୍ଦି** ذٰلِكَ الْكِتٰبُ ଅର୍ଥାତ ଏହି ଗ୍ରନ୍ଥଟି ପ୍ରଭୁଙ୍କ ପକ୍ଷରୁ ହିଁ ଅବତୀର୍ଣ୍ଣ ଓ ଆନୀତ, ଯେକି ସର୍ବାଧିକ ବିଜ୍ଞ ଏବଂ ଅନ୍ତର୍ଯାମୀ ଅଟନ୍ତି । ଏହା ଉପରେ କାର୍ଯ୍ୟାନୁସରଣ କରିବା ଫଳରେ ଆମେମାନେ ପ୍ରକୃତ ରୂପେ ଲାଭବାନ ହୋଇପାରିବା । **ଇଲ୍ଲତେ ସୁରୀ** لَا رَيْبَ فِيْهِ ଅର୍ଥାତ ଉକ୍ତ ଗ୍ରନ୍ଥର ବିଶେଷତା ଏବଂ ପୂର୍ଣ୍ଣତ୍ୱତା ଏହିକିଯେ, ତହିଁରେ ସନ୍ଦେହର କୌଣସି ଅବକାଶ ନାହିଁ । ଉକ୍ତ ପବିତ୍ର ପୁସ୍ତକରେ ଯେଉଁ କଥା ଉଲ୍ଲେଖ ରହିଛି ତାହା ନିରାଟ ସତ୍ୟ ଏବଂ ଯେଉଁ ଦାବି ରହିଛି ତାହା ପ୍ରମାଣଭିତ୍ତିକ ଏବଂ ଜାଜ୍ୱଲ୍ୟମାନ । ଉକ୍ତ ପୁସ୍ତକର ଚତୁର୍ଥ **ଇଲ୍ଲତେ ଗାଇ** ହେଲା هُدًى لِّلْمُتَّقِيْنَ ଅର୍ଥାତ ଉକ୍ତ ଗ୍ରନ୍ଥର ଅଭିପ୍ରାୟ ଏହିକିଯେ, ଉକ୍ତ ଗ୍ରନ୍ଥଟି ଧର୍ମପରାୟଣ ବ୍ୟକ୍ତିଙ୍କ ନିମନ୍ତେ ମାର୍ଗଦର୍ଶକ ଅଟେ ।

ହୁଜୁର ଅନୱର୍ ଅ.ବ କହିଲେ, ଆଜିକାଲି ନାମକୁ ମାତ୍ର ବିଦ୍ୱାନ୍‌ମାନେ ପବିତ୍ର କୁରଆନ୍ କରୀମ୍‌ର ଅବିନାଶୀମୂଳକ ଶିକ୍ଷାକୁ ଏଭଳି ଢଙ୍ଗରେ ଉପସ୍ଥାପିତ କରିଛନ୍ତି ଯେ, ବିରୋଧୀମାନଙ୍କୁ ପବିତ୍ର କୁରଆନ୍ କରୀମ୍ ଉପରେ ଆପତ୍ତି କରିବାର ସୁଯୋଗ ମିଳି ଯାଇଛି । ଆଜି ଆମ ଅହେମଦିମାନଙ୍କ ଏହି କର୍ତ୍ତବ୍ୟ ରହିଛି ଯେ, ଆମେମାନେ ନିଜ ମଧ୍ୟରେ ଧର୍ମପରାୟଣତା ସୃଷ୍ଟି କରିବା ସଙ୍ଗେସଙ୍ଗେ ଏହି ଶିକ୍ଷାର ବୈଶେଷତାକୁ ନିଜର କଥନ, ଚାଲି ଚଳଣ ଏବଂ ଆଚାର ବ୍ୟବହାର ଦ୍ୱାରା ସାବ୍ୟସ୍ତ କରିବା ଉଚିତ । ଆପଣମାନେ ସଂସାରବାସୀଙ୍କୁ କହି ଦିଅନ୍ତୁ ଯେ, ପବିତ୍ର କୁରଆନ୍ କରୀମ୍ ହିଁ ସମସ୍ତ ରୋଗର ନିବାରକ ଏବଂ ଚିକିତ୍ସକ ଅଟେ । ଅଲ୍ଲାଃତାଲା ଆମମାନଙ୍କୁ ଧର୍ମପରାୟଣତା ମାର୍ଗରେ ପରିଚାଳିତ ହେବା ସହିତ ଏହା ଉପରେ କାର୍ଯ୍ୟାନୁସରଣ କରିବା ପାଇଁ ସାମର୍ଥ୍ୟ ପ୍ରଦାନ କରନ୍ତୁ । ଆମିନ୍ ।

ଖୁତ୍‌ବାର ଶେଷରେ ହୁଜୁର ଅନୱର୍ ଅ.ବ ବାଂଲାଦେଶ, ପାକିସ୍ତାନ, ବୁର୍କିନାଫାସୋ, ଉପଦ୍ୱୀପର ଅହେମଦିମାନଙ୍କ ପାଇଁ ଦୁଆ କରିବାକୁ ଆହ୍ୱାନ ଜଣାଇଲେ । ହୁଜୁର ଅନୱର୍ ଅ.ବ କହିଲେ, ବାଂଲାଦେଶ ଠାରେ ଆମର ଜଲ୍‌ସା ସାଲାନା ଅନୁଷ୍ଠିତ ହେଉଥିଲା । ଆଜି ପ୍ରଥମ ଦିନ(ର ଅଧିବେଶନ) ଥିଲା । କିନ୍ତୁ ସେଠାରେ ବିରୋଧୀମାନେ ଜଲ୍‌ସା ସ୍ଥଳୀରେ ହିଁ ଆକ୍ରମଣ କରିଦେଲେ । ଅନେକ ଲୋକ ଜଲ୍‌ସା ସ୍ଥଳୀରେ ଆହତ ମଧ୍ୟ ହୋଇଛନ୍ତି । ପ୍ରାପ୍ତ ସୂଚନାନୁଯାୟୀ ସେମାନେ ଏଭଳି ଆକ୍ରମଣ କଲେ ଯେ, ସେହି ଆକ୍ରମଣରେ ଅନେକ ଅହେମଦି ଗମ୍ଭୀର ରୂପେ ଆହତ ହୋଇଛନ୍ତି । ପୁନଶ୍ଚ ଉକ୍ତ ଅଞ୍ଚଳର ଅହେମଦିମାନଙ୍କ ଘରକୁ ନିଆଁ ଲଗାଇ ଦିଆଯାଇଛି । ବର୍ତ୍ତମାନ ସଂପୂର୍ଣ୍ଣ ଆକଳନ ହୋଇପାରି ନାହିଁ ଯେ, କେତେ କ୍ଷୟକ୍ଷତି ହୋଇଛି । ଅଲ୍ଲାଃତାଲା ଅହେମଦିମାନଙ୍କୁ ବିରୋଧୀମାନଙ୍କ ଉପଦ୍ରବ ଏବଂ ଅନିଷ୍ଟତା ଠାରୁ ସୁରକ୍ଷିତ ରଖନ୍ତୁ ଏବଂ ସେମାନଙ୍କୁ ଯଥାଶୀଘ୍ର ଦଣ୍ଡିତ ମଧ୍ୟ କରନ୍ତୁ । ସେମାନଙ୍କ ନିମନ୍ତେ କୌଣସି ମାର୍ଗଦର୍ଶନ ପ୍ରାପ୍ତ ହେବାର ଦୁଆ ତ' କରାଯାଇପାରିବ ନାହିଁ କିନ୍ତୁ କେବଳ ଏତିକି ହିଁ କୁହାଯାଇପାରିବ ଯେ, اَللّٰهُمَّ مَزِّقْهُمْ كُلَّ مُمَزَّقٍ وَسَحِّقْهُمْ تَسْحِيْقًا ଅର୍ଥାତ ହେ ପ୍ରଭୁ ପ୍ରତ୍ୟେକ କଠୋର ହୃଦୟୀ ବିରୋଧୀକୁ ଭଲ ଭାବରେ ବିଦୀର୍ଣ୍ଣ କରିଦିଅ ଅର୍ଥାତ ସଂହାର କରିଦିଅ ।

ସେହିପରି ପାକିସ୍ତାନର ପରିସ୍ଥିତି ପାଇଁ ମଧ୍ୟ ଦୁଆ କରନ୍ତୁ । ଅଲ୍ଲାଃତାଲା ସେଠାରେ ମଧ୍ୟ ଅହେମଦିମାନଙ୍କର ଅବସ୍ଥାକୁ କୁଶଳ ରଖନ୍ତୁ । ବୁର୍କିନାଫାସୋରେ ବର୍ତ୍ତମାନ ପରିସ୍ଥିତି ଅତ୍ୟନ୍ତ ସାଂଘାତିକ ରହିଛି ଏବଂ ବିପତ୍ତିର ବାଦଲ ଆଛନ୍ନ ହୋଇ ରହିଛି। ସେଠାକାର ଅହେମଦିମାନଙ୍କ ପାଇଁ ମଧ୍ୟ ପ୍ରାର୍ଥନା କରନ୍ତୁ । ସେହିପରି ଉପଦ୍ୱୀପରେ ମଧ୍ୟ କେତେକ ଅହେମଦିମାନଙ୍କ ଉପରେ ମିଥ୍ୟା ମକଦ୍ଦମା ଦାଏର କରାଯାଇଛି । ସେମାନଙ୍କ ପାଇଁ ମଧ୍ୟ ଦୁଆ କରନ୍ତୁ । ଅଲ୍ଲାଃତାଲା ପ୍ରତ୍ୟେକ ସ୍ଥାନରେ ଅହେମଦିମାନଙ୍କୁ ସୁରକ୍ଷିତ ରଖନ୍ତୁ ।

ଯେପରିକି ମୁଁ କହିଲି, ବାଂଲାଦେଶରେ ପରିସ୍ଥିତି ଅତି ସଂଗୀନ ରହିଛି । ପ୍ରଶାସନ ଠାରୁ ଅନୁମତି ପ୍ରାପ୍ତ କରି ଅହେମଦିମାନେ ଜଲ୍‌ସା କରିଥିଲେ । ପ୍ରଶାସନ ମଧ୍ୟ ଆମକୁ ଆଶ୍ୱାସନା ଦେଇଥିଲା ଯେ, ଆପଣମାନେ ନିର୍ଭୟରେ ଜଲ୍‌ସା କରନ୍ତୁ । ଆମେ ସୁରକ୍ଷା ଯୋଗାଇ ଦେବୁ । କିନ୍ତୁ ଯେତେବେଳେ ଆତଙ୍କବାଦୀ କାର୍ଯ୍ୟକଳାପ ପ୍ରିୟ ମୁଲ୍ଲା ଆବାହକମାନେ ନିଜର ସମର୍ଥକମାନଙ୍କର ଗୋଷ୍ଠୀକୁ ଧରି ଜଲ୍‌ସା ସ୍ଥଳୀକୁ ଆସିଲେ ସେତେବେଳେ ଜଲ୍‌ସା ସ୍ଥଳୀରେ ମୁତୟନ ହୋଇଥିବା ପୋଲିସ୍ ମଧ୍ୟ ମୂକ ଦର୍ଶକ ହୋଇ ଛିଡ଼ା ହୋଇ ରହିଥିଲା ଏବଂ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁ ନଥିଲା । ସେ ଯାହା ହେଉ ନା କାହିଁକି ଆମମାନଙ୍କୁ ଅଲ୍ଲାଃତାଲାଙ୍କ ଆଡ଼କୁ ଆନତ ହେବା ଉଚିତ ଏବଂ ଅଲ୍ଲାଃତାଲାଙ୍କ ନିକଟରେ ପ୍ରାର୍ଥନା କରିବା ଉଚିତ । ଅଲ୍ଲାଃତାଲା ଆମ ଅହେମଦି ଭାଇମାନଙ୍କର ସମସ୍ୟାକୁ ଯଥାଶୀଘ୍ର ଦୂରୀଭୂତ କରି ଦିଅନ୍ତୁ । ଆମିନ୍ ।

---

**ଅଲ୍‌ହମ୍‌ଦୁ ଲିଲ୍ଲାହି ନହ୍‌ମଦୁହୁ ୱ ନସ୍‌ତଇନୁହୁ ୱନସ୍‌ତଗ୍‌ଫିରୁହୁ ୱନୁମିନୁ ବିହି ୱନତୱକ୍‌କଲୁ ଅଲୈ ୱ ନଉଜୁ ବିଲ୍ଲାହି ମିନ୍ ଶୁରୁରି ଅନ୍‌ଫୁସିନା ୱମିନ୍ ସଇଆତି ଆମାଲିନା ମଇଁ ୟହ୍‌ଦିହିଲ୍ଲାହୁ ଫଲା ମୁଜିଲ୍ଲା ଲହୁ ୱମଇଁ ୟୁଜ୍‌ଲିଲ୍‌ହୁ ଫଲା ହାଦିୟା ଲହୁ ୱନଶ୍‌ହଦୁ ଅନ୍‌ଲା ଇଲାହା ଇଲ୍ଲଲ୍ଲାହୁ ୱନଶ୍‌ହଦୁ ଅନ୍ନା ମୁହମ୍ମଦନ୍ ଅବ୍‌ଦୁହୁ ୱରସୁଲୁହୁ । ଇବାଦଲ୍ଲାହି ରହିମକୁମୁଲ୍ଲାହି ଇନ୍ନଲ୍ଲାହା ୟାମୁରୁ ବିଲ୍ ଅଦ୍‌ଲେ ୱଲ୍ ଇହ୍‌ସାନି ୱଇତାଇଜିଲ୍ କୁର୍‌ବା ୱୟନ୍‌ହା ଅନିଲ୍ ଫହ୍‌ଶାଇ ୱଲ୍ ମୁନ୍‌କରି ୱଲ୍ ବଗ୍‌ଇ ୟଇଜୁକୁମ୍ ଲାଅଲ୍‌ଲକୁମ୍ ତଜକ୍ କରୁନା ଉୟ୍‌କୁରୁଲ୍ଲାହ୍ ୟଜ୍‌କୁରୁକୁମ୍ ୱଦ୍‌ଉହୁ ୟସ୍‌ତଜିବ୍ ଲକୁମ୍ ୱଲଜିକ୍‌ରୁଲ୍ଲାହି ଅକ୍‌ବର୍ ।**

....................................

KHULASA KHUTBA JUMA HUZOOR ANWAR a.b.a
3rd Mar. 2023